# ମାଣ୍ଡିଆରେ ଜଉପୋକ (Aphids)



ଗାଢ ସବୁଜ, ବାଦାମି କିମ୍ବା କଳା ରଙ୍ଗର ଜଉପୋକ ମାଣ୍ଡିଆର ପତ୍ର ତଳେ, କାଣ୍ଡରେ ଓ କେଣ୍ଡାରେ ଲାଗି ସେଥିରୁ ରସ ଶୋଷି ଖାଆନ୍ତି । ଗଛ ରୁଗଣ ଓ ହଳଦିଆ ହୋଇଯାଏ । ଜଉପୋକ ପତ୍ର ଉପରେ ମିଷ୍ଟ ମଳ ତ୍ୟାଗ କରନ୍ତି ଓ ତା ଉପରେ କଳା ଫିମ୍ପି ହୋଇ ପତ୍ରର କିରଣ ସଂଶ୍ଳେଷଣ ପ୍ରକ୍ରିୟା ବ୍ୟାହତ କରେ । କିଛି ଦିନ ପରେ ଡେଣାଯୁକ୍ତ ଜଉପୋକ ଜନ୍ମ ହୁଅନ୍ତି ଓ ଏମାନେ ଉଡିଯାଇ ଅନ୍ୟ କିଆରୀକୁ ବିସ୍ତାର ଲାଭ କରନ୍ତି ।





## ନିୟନ୍ତ୍ରଣ

- ଜନ୍ଦା ଓ ପିମ୍ପୁଡି ପାଇଁ ପରିବେଶ ସୃଷ୍ଟି କରିବା ଦରକାର, ଯେପରିକି ସେମାନେ ଗଛରେ ଚଢି ଜଉପୋକ ଖାଇବେ।
- ୧୦୦ ଗ୍ରାମ ରସୁଣକୁ ଛେଚି ୫୦ ଲିଟର ପାଣିରେ ମିଶାନ୍ତୁ ଏବଂ ଭଲ ଭାବରେ ଗୋଳାଇ ଛାଣନ୍ତୁ , ଏହାପରେ ଆକ୍ରାନ୍ତ ଗଛକୁ ସ୍ପ୍ରେ କରନ୍ତୁ ।
- ଜମିରେ ହଳଦିଆ ରଙ୍ଗ ଥିବା ଫୁଲ ଗଛ ଲଗାନ୍ତୁ ।
- ପାଁଉଶରେ ଶୁଖିଲା ବାସଙ୍ଗ ପତ୍ରର ଗୁଣ୍ଡ ମିଶାଇ ଆକ୍ରାନ୍ତ ସ୍ଥାନକୁ ଫୋଫାଡନ୍ତୁ ।
- ୧ ଲିଟର ହାଣ୍ଡିଖତର ନିର୍ଯାସରେ ୪୦ ଲିଟର ପାଣି ମିଶାଇ ସ୍ପ୍ରେ କରନ୍ତୁ ।
- ୧ ଲିଟର ନିମାସ୍ତ୍ରରେ ୨୦ ଲିଟର ପାଣି ମିଶାଇ ସ୍ପ୍ରେ କରନ୍ତୁ ।
- ବଜାରରେ ମିଳୁଥିବା ନିମ୍ବ ତେଲକୁ ଆଣନ୍ତୁ , ୧୦ ଲିଟର ପାଣିରେ ୩୦ ମି.ଲି. ନିମ୍ବତେଲ ଓ ଟିକେ ସର୍ଫଗୁଣ୍ଡ ମିଶାଇ ସ୍ପ୍ରେ କରନ୍ତୁ ।
- ୧୦ଲିଟର ପାଣିରେ ୨ ଚାମଚ ସର୍ଫଗୁଣ୍ଡ ମିଶାଇ ଜଉପୋକ ଆକ୍ରାନ୍ତ ସ୍ଥାନକୁ ସ୍ପ୍ରେ କରନ୍ତୁ ।
- ୧୦ ଲିଟର ପାଣିରେ ଡାଇମିଥିୟୋଟେ (୦.୫%) କିମ୍ବା କୁଇନାଲଫସ (୦.୫%) କିମ୍ବା ମାଲାଥିଆନ (୫୦-ଇ.ସି.) ୨୦ ମି.ଲି. ମିଶାଇ ସ୍ପ୍ରେ କରନ୍ତୁ ।

WASSAN